# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 December, 2025**

*********************************

## ମୁଖ୍ୟ ସମ୍ବାଦ

- ଯୁବ ସଶକ୍ତୀକରଣକୁ ଦୃଷ୍ଟିରେ ରଖି ଦେଶରେ ନୂତନ ନୀତି ପ୍ରଣୟନ କରାଯାଉଛି; କହିଲେ ପ୍ରଧାନମନ୍ତ୍ରୀ ।

— ବୀର୍ ବାଲ୍ ଦିବସ ଅବସରରେ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ବିଜେତାଙ୍କ ସହ କଲେ ଭାବ ବିନିମୟ ।

- କେନ୍ଦୁଝର ଜିଲ୍ଲାର ପଳାଶପଙ୍ଗା ଲ୍ୟାମ୍ପ୍ସଠାରେ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

- ମୁଖ୍ୟମନ୍ତ୍ରୀ ବସ୍‌ସେବା ଯୋଜନାରେ ରାଜ୍ୟର ସ୍କୁଲ୍ ପିଲାଙ୍କୁ ମାଗଣା ବସ୍‌ସେବା ପ୍ରଦାନ ପାଇଁ ସରକାରଙ୍କ ନିଷ୍ପତ୍ତି ।

ଏବଂ

- ବିଜୟ ହଜାରେ ଟ୍ରଫିରେ ସର୍ଭିସେସ୍ ବିପକ୍ଷରେ ୪ ୱିକେଟ୍‌ରେ ବିଜୟ ହାସଲ କଲା ଓଡ଼ିଶା ଦଳ ।

# ରାଷ୍ଟ୍ରୀୟ ବାଲ୍ ପୁରସ୍କାର

ଯୁବ ସଶକ୍ତୀକରଣକୁ ଦୃଷ୍ଟିରେ ରଖି ଦେଶରେ ନୂତନ ନୀତି ପ୍ରଣୟନ କରାଯାଉଛି । ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜି ଜାତୀୟ ବୀର୍ ବାଲ୍ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମହାକାଶ, କ୍ରୀଡ଼ା, ଫିନ୍‌ଟେକ୍, ଉତ୍ପାଦନ ଆଦି କ୍ଷେତ୍ରରେ ଦେଶର ଯୁବକ ଯୁବତୀମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରି ସରକାର ପଦକ୍ଷେପ ନେଉଛନ୍ତି । 'ମେରା ଯୁବା ଭାରତ' ମାଧ୍ୟମରେ ଯୁବକମାନଙ୍କୁ ଯୋଡ଼ିବା ସହ ସେମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତା ବିକାଶ କରାଯାଉଛି । ପ୍ରତ୍ୟେକ କ୍ଷେତ୍ରରେ ଯୁବବର୍ଗଙ୍କପାଇଁ ନୂତନ ସୁଯୋଗ ସୃଷ୍ଟି ହେଉଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM)*** :........

ପ୍ରଧାନମନ୍ତ୍ରୀ କହିଛନ୍ତି, ଯୁବପ୍ରତିଭାର ବିକାଶ ଏବଂ ସେମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତାକୁ ପ୍ରୋତ୍ସାହନ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ନୂତନ ଜାତୀୟ ଶିକ୍ଷାନୀତି ମାଧ୍ୟମରେ ବିକଶିତ ଭାରତପାଇଁ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରାଯାଇଛି । ନୂତନ ଜାତୀୟ ଶିକ୍ଷାନୀତିରେ ଏକବିଂଶ ଶତାବ୍ଦୀର ଶିକ୍ଷା ପ୍ରଣାଳୀକୁ ଗୁରୁତ୍ୱ ଦିଆଯାଇ ପ୍ରାୟୋଗିକ ଶିକ୍ଷା ଏବଂ ଦକ୍ଷତା ବିକାଶ ଉପରେ ପର୍ଯ୍ୟବସିତ କରାଯାଇଛି ।

ପ୍ରଧାନମନ୍ତ୍ରୀ ଆଜି ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଥିବା ୨୦ ଜଣ ବିଜେତାଙ୍କ ସହ ଭାବ ବିନିମୟ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି

ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ନବସୃଜନ, ସାହସ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ କଳା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ପିଲାମାନଙ୍କୁ ଏହି ପୁରସ୍କାର ପ୍ରଦାନ  କରିଥିଲେ । ଏଥିରେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ପେକଟ ଗ୍ରାମର ସୁଶ୍ରୀ ଜ୍ୟୋତ୍ସ୍ନା ଶବର ମଧ୍ୟ ପୁରସ୍କାର ଗ୍ରହଣ କରିଛନ୍ତି ।

ଶିଖ୍ ଗୁରୁ ଗୋବିନ୍ଦ ସିଂହଜୀଙ୍କ ଦୁଇ ପୁତ୍ର ସାହିବଜାଦା ବାବା ଜୋରାୱର୍ ସିଂହ ଏବଂ ବାବା ଫତେହ ସିଂହଙ୍କ ଅଦମ୍ୟ ସାହସ ଓ ବଳିଦାନକୁ ସମ୍ମାନ ଜଣାଇ ଆଜି ଦେଶବ୍ୟାପୀ ବୀର୍ ବାଲ୍ ଦିବସ ପାଳନ କରାଯାଉଛି । ଅଳ୍ପ ବୟସରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ସାହିବଜାଦେଙ୍କ ଜୀବନୀ ଭାରତର ଇତିହାସର ଏକ ମର୍ମସ୍ପର୍ଶୀ ଅଧ୍ୟାୟ । ଗତ ୨୦୨୨ ଜାନୁଆରୀ ମାସରେ ଗୁରୁ ଗୋବିନ୍ଦ ସିଂହଙ୍କ ପ୍ରକାଶ ପର୍ବ ପାଳନ ଅବସରରେ ବୀର ବାଲ୍ ଦିବସ ପାଳନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ ।

***Desk***

## ୱାନ୍ ଷ୍ଟପ୍ ସେଣ୍ଟର

ରାଜ୍ୟରେ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ଗୁଡ଼ିକୁ 'ୱାନ୍ ଷ୍ଟପ୍ ସେଣ୍ଟର୍' ଭାବେ ବିକଶିତ କରି ପ୍ରତ୍ୟେକ କୃଷକ ପରିବାରର ଆର୍ଥିକ ସମୃଦ୍ଧି ଓ ସାମାଜିକ ନିରାପତ୍ତା ସୁନିଶ୍ଚିତ କରିବାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦୁଝରର ଜିଲ୍ଲାର ପଳାଶପଙ୍ଗା ଲ୍ୟାମ୍ପସ୍‌ଠାରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଶ୍ରୀ ମାଝୀ କହିଛନ୍ତି, କୃଷକଙ୍କ କଲ୍ୟାଣପାଇଁ ସରକାର ଧାନ କୁଇଣ୍ଟାଲ୍ ପିଛା ୮୦୦ ଟଙ୍କାର ଅତିରିକ୍ତ ଇନ୍‌ପୁଟ୍ ସହାୟତା ପ୍ରଦାନ କରି ଚାଷୀଙ୍କ ପରିଶ୍ରମର ଉଚିତ ମୂଲ୍ୟ ଦେଉଛନ୍ତି । ଚଳିତ ବର୍ଷ ଚାଷୀ ପଞ୍ଜୀକରଣ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଛି । ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବାପାଇଁ ପ୍ରଶାସନିକ ସ୍ତରରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Sambalpur/R***

# ଭିସୁଟ୍ - ସମାମର୍ତ୍ତନ ଉତ୍ସବ

ବିଜ୍ଞାନ ଓ ଜ୍ଞାନକୌଶଳର ବିନିଯୋଗ ମାନବ କଲ୍ୟାଣ ପାଇଁ ହେବା ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ -ଭିସୁଟ୍'ର ସପ୍ତଦଶ ସମାବର୍ତ୍ତନ ଉତ୍ସବରେ ଆଜି ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ମଣିଷ ଜୀବନକୁ ସରଳ କରିବାପାଇଁ ନବାଚାରରର ଆବଶ୍ୟକତା ରହିଛି । ଏହି ଅବସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭିମ୍‌ସାର୍, ଆଇ.ଆଇ.ଏମ୍., ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଓ.ୟୁ.ଏ.ଟି. ଏବଂ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ

ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସମାବର୍ତ୍ତନ ଉତ୍ସବରେ ବିଭିନ୍ନ ବିଭାଗର ୧ ହଜାର ୧୩୮ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି ।

*Desk*

## ସମ୍ବିଧାନ-ସାନ୍ତାଳୀ ଭାଷା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାନ୍ତାଳୀ ଭାଷାରେ ଅନୁବାଦିତ ଭାରତର ସମ୍ବିଧାନକୁ ଉନ୍ମୋଚିତ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଚଳିତ ବର୍ଷ ଅଲିଚିକ୍ ଲିପିର ଶତବାର୍ଷିକୀ ପାଳନ କରାଯାଉଛି । ଏହି ଅବସରରେ ଭାରତର ସମ୍ବିଧାନକୁ ସାନ୍ତାଳୀ ଭାଷାରେ ଉପଲବ୍ଧ କରିବାଦ୍ୱାରା ସମସ୍ତଙ୍କପାଇଁ ସମ୍ବିଧାନ ପଢ଼ିବା ଓ ବୁଝିବା ସରଳ ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନ ଲୋକାର୍ପିତ ହେବା ସମଗ୍ର ସାନ୍ତାଳୀ ସମ୍ପ୍ରଦାୟ ଏବଂ ଦେଶପାଇଁ ଏକ ଐତିହାସିକ ମୁହୂର୍ତ୍ତ, ଯାହାଦ୍ୱାରା ଗଣତନ୍ତ୍ରର ମୂଲ୍ୟବୋଧ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ ହେବ ।

***Desk***

# ରାଜ୍ୟପାଳ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ଭୁବନେଶ୍ୱରସ୍ଥିତ ଲୋକ ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ସାକ୍ଷାତ୍‌ ଅବସରରେ ରାଜ୍ୟରେ ଉଚ୍ଚଶିକ୍ଷାର ସ୍ଥିତି ଏବଂ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାସହ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଦିଗରେ ସରକାରଙ୍କଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ ।

***BBSR/R***

# ମାଗଣା ବସ୍‌ସେବା

ରାଜ୍ୟରେ ମୁଖ୍ୟମନ୍ତ୍ରୀ ବସ୍‌ସେବା ଯୋଜନାରେ ସ୍କୁଲ୍‌ ପିଲାଙ୍କୁ ମାଗଣା ବସ୍‌ ସେବା ପ୍ରଦାନ କରାଯିବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରସ୍ତାବକୁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି । ଦୂରତାକୁ କେନ୍ଦ୍ରକରି ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ହାରକୁ ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଉଭୟ ସାଧାରଣ ଓ ବାତାନୁକୂଳିତ ବସ୍‌ରେ ଏହି ସେବା ଉପଲବ୍ଧ ହେବ । ମାଗଣା ବସ୍‌ସେବା ନେଇ ପରିବହନ

ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସଂଶୋଧିତ ରୁଟ୍‌ରେ ସର୍ବାଧିକ ସ୍କୁଲ୍ ଥିବା ରାସ୍ତାକୁ ସାମିଲ୍ କରାଯିବ ବୋଲି ଜଣାପଡ଼ିଛି ।

***BBSR/R***

## ସି.ଇ.ସି. - ଓଡ଼ିଶା ଗସ୍ତ

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଆସନ୍ତାକାଲିଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଭୁବନେଶ୍ୱରରେ ପହଞ୍ଚିବା ପରେ ଶ୍ରୀ କୁମାର ପ୍ରଥମେ ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ । ପରେ ସେ କୋଣାର୍କ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ସୋମବାର ଅପରାହ୍ନରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ବୈଠକରେ ଶ୍ରୀ କୁମାର ଅଧ୍ୟକ୍ଷତା କରିବେ ବୋଲି ଜଣାପଡ଼ିଛି ।

***Desk***

## ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ଚୟନ ପରୀକ୍ଷା - OSSTET ଆସନ୍ତା ମାସ ୨୧ ତାରିଖରେ

ଅନୁଷ୍ଠିତ ହେବ । ଏନେଇ ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଦୁଇଟି ପର୍ଯ୍ୟାୟରେ ପରୀକ୍ଷା କରାଯିବ । ଅଧିକ ସୂଚନା ପାଇଁ ପରୀକ୍ଷାର୍ଥୀମାନେ www.bseodisha.ac.inରେ ଲଗ୍‌ଇନ୍ କରିପାରିବେ ।

*IPR*

## କ୍ୟାଣ୍ଟିନ୍ ଉଦ୍‌ଘାଟନ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଭୁବନେଶ୍ୱର ଖାରବେଳ ଭବନରେ ଏକ କ୍ୟାଣ୍ଟିନ୍ 'ସୃଜନ'ର ଉଦ୍‌ଘାଟନ କରିଛନ୍ତି । ସେଠାରେ କାର୍ଯ୍ୟ କରୁଥିବା ପ୍ରାୟ ୭ ଶହରୁ ଅଧିକ କର୍ମଚାରୀଙ୍କ ସମେତ ବିଭିନ୍ନ କାର୍ଯ୍ୟପାଇଁ ଆସୁଥିବା ଜନସାଧାରଣ ମଧ୍ୟ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି । କ୍ୟାଣ୍ଟିନ୍‌ରେ ବିମାନ ଓ ରେଳ ଟିକେଟ୍ ସୁବିଧା ଉପଲବ୍ଧ ହେବା ସହ ପର୍ଯ୍ୟଟନପାଇଁ ମଧ୍ୟ ପରାମର୍ଶ ବ୍ୟବସ୍ଥା ରହିଛି ।

*Ganjam/R*

## ଗଞ୍ଜାମ ଲକ୍ଷ୍ୟ ନିକେତନ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ଗଞ୍ଜାମ ଲକ୍ଷ୍ୟ ନିକେତନ' ଶୀର୍ଷକ ବୈଠକ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ୟୁ.ପି.ଏସ୍.ସି. ଏବଂ

ଓ.ପି.ଏସ୍.ସି. ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ କୋଚିଂ ପ୍ରଦାନ ସଂକ୍ରାନ୍ତରେ ଆଲୋଚନା ହୋଇଛି ।

*Bhadrak/R*

## ସାଇବର ସୁରକ୍ଷା

ଭଦ୍ରକ ଜିଲ୍ଲା ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଭଣ୍ଡାରୀପୋଖରୀ ବ୍ଲକ୍‌ର ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଇବର ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ସାଇବର ଠକାମିରୁ ନିବୃତ୍ତ ରହିବାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।

*Nayagarh/R*

## ଆର୍ଥିକ ସାକ୍ଷରତା ସଚେତନତା

ନୟାଗଡ଼ ଜିଲ୍ଲା ରଣପୁର ପଞ୍ଚାୟତ ସମିତି ସଭାଗୃହରେ ଡାକ ବିଭାଗ ପକ୍ଷରୁ ଆର୍ଥିକ ସାକ୍ଷରତା ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ଯୁଗ୍ମ ଅର୍ଥ ସଚିବ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ

ସାଇବର ଅପରାଧ ସଚେତନତା ସଂକ୍ରାନ୍ତରେ ବ୍ୟାପକ ଆଲୋଚନା କରିଥିବଲେ ।

***Nayagarh/R***

## ଚାନ୍ଦୁଆ ତିଆରି ପ୍ରଶିକ୍ଷଣ

କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ମନ୍ତ୍ରଣାଳୟ ଏବଂ କଟକ ଡି.ଏଫ୍.ଓ.ଙ୍କ ଆନୁକୂଲ୍ୟରେ ନୟାଗଡ଼ ଜିଲ୍ଲା ଲେଙ୍କୁଡ଼ିପଡ଼ା ଗ୍ରାମରେ ଅତ୍ୟାଧୁନିକ ଚାନ୍ଦୁଆ ତିଆରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଗ୍ରାମର ୩୦ ଜଣ ମହିଳାଙ୍କୁ ନେଇ ଏକମାସ ବ୍ୟାପୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

***Nabarangpur/R***

## ନବରଙ୍ଗପୁର - ପନିପରିବା

ନବରଙ୍ଗପୁର ଜିଲ୍ଲା ଉମରକୋଟ୍ ବ୍ଲକ୍‌ର ଚାଷୀଙ୍କଦ୍ୱାରା ଉତ୍ପାଦିତ ୧ ହଜାର କିଲୋଗାମ୍ ପନିପରିବା ପ୍ରଥମ ଥରପାଇଁ ଦୁବାଇକୁ ପଠାଯାଇଛି । ଏହି ପଦକ୍ଷେପଦ୍ୱାରା ଚାଷୀମାନେ ଅଧିକ ଲାଭବାନ ହେବା ସହ ଅନ୍ତର୍ଜାତୀୟ

ବଜାର ସହ ଯୋଡ଼ି ହୋଇପାରିବେ ବୋଲି ଜଣାପଡ଼ିଛି । ଏ ସଂକ୍ରାନ୍ତରେ ନବରଙ୍ଗପୁରର ଜଣେ ଚାଷୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି :

***Voice** :.......*

***Nayagarh/R***

## ଦେଶୀ ବିହନ ମେଳା

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଜାକେଡ଼ା ପଞ୍ଚାୟତ କନ୍ଧଖାଲମଡ଼ା ଗ୍ରାମରେ ଦେଶୀ ବିହନ ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ଲକ୍ କୃଷି ଅଧିକାରୀ ଯୋଗଦେଇ ଦେଶୀ ବିହନର ବ୍ୟବହାର ତଥା ସଂରକ୍ଷଣ ସଂକ୍ରାନ୍ତରେ କୃଷକମାନଙ୍କ ସହ ଆଲୋଚନା କରିଥିଲେ ।

***Desk***

## ବିଜୟ ହଜାରେ ଟ୍ରଫି

ବେଙ୍ଗାଲୁରୁଠାରେ ଅନୁଷ୍ଠିତ ବିଜୟ ହଜାରେ କ୍ରିକେଟ୍ ଟ୍ରଫିରେ ଓଡ଼ିଶା ଦଳ' ସର୍ଭିସେସ୍ ବିପକ୍ଷରେ ୪ ୱିକେଟ୍‌ରେ ବିଜୟ ହାସଲ କରିଛି । ସର୍ଭିସେସ୍ ଦଳ ପ୍ରଥମେ ବ୍ୟାଟିଂ କରି ୨୧ ଓଭର୍ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୮୩ ରନ୍ ସଂଗ୍ରହ କରିଥିଲା । ୮୪ ରନ୍‌ର ବିଜୟ ଲକ୍ଷ୍ୟ

ପିଛା କରି ଓଡ଼ିଶା ୨୪ ଓଭର୍ ୩ଟି ବଲ୍‌ରେ ୬ଟି ଓ୍ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

******